ପାଠ-୯

# ମାତୃଭାଷା ଓ ଲୋକଶିକ୍ଷା

**STUDY NOTES**

## MIND MAP



### ପ୍ରାବନ୍ଧିକ ପରିଚୟ

ଗୋଲୋକବିହାରୀ ଧଳ ଓଡ଼ିଆ ପ୍ରବନ୍ଧ ସାହିତ୍ୟ କ୍ଷେତ୍ରରେ ଜଣେ ଶ୍ରେଷ୍ଠ ବ୍ୟକ୍ତିତ୍ୱ । ଭାଷାତତ୍ତ୍ୱବିତ୍‌ଭାବେ ସେ ବେଶ୍ ଜଣାଶୁଣା । ପରମ୍ପରା ଓ ପୁନରାଲୋଚନା କ୍ରମେ ଏକ ମୂଲ୍ୟବୋଧର ପ୍ରତିଷ୍ଠା ତଥା ଏହାର ସଫଳ ପ୍ରୟୋଗଦ୍ୱାରା ସମାଜର ସଂସ୍କାର ବିଧାନ ତାଙ୍କ ପ୍ରବନ୍ଧର ଚରମ ଲକ୍ଷ୍ୟ । ଶିକ୍ଷା ଓ ଭାଷା ସମସ୍ୟା ଉପରେ ଆଧାରିତ ତାଙ୍କ ପ୍ରବନ୍ଧଗୁଡ଼ିକରେ ଶିକ୍ଷକ ଜୀବନ ଅନୁଭୂତି ପ୍ରତିଫଳିତ ।

### ସୃଜନାଭିମୁଖୀ

ପ୍ରାବନ୍ଧିକ ଧଳ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ଇଂରାଜୀ, ବଙ୍ଗଳା ଭାଷାରେ ଜଣେ କୃତବିଦ୍ୟ ବିଦ୍ୱାନ୍ ଭାବରେ ପ୍ରଥିତଯଶା । ବୃତ୍ତିରେ ଅଧ୍ୟାପକ ହୋଇଥିବାରୁ ଓଡ଼ିଆ ପ୍ରବନ୍ଧ ସାହିତ୍ୟକୁ ଚିନ୍ତାମୂଳକ ସମସ୍ୟାଭିତ୍ତିକ ପ୍ରବନ୍ଧରାଜି ଅବଦାନ ଦିଗରୁ ତାଙ୍କର ବିଶେଷତା ସୁଦୂରପ୍ରସାରୀ । ପ୍ରବନ୍ଧ ରଚନା କ୍ଷେତ୍ରରେ ସେ ସମୟ ଓ ସଂସ୍କୃତିର ପଟାନ୍ତର ପ୍ରତି ସର୍ବଦା ସଚେତନ । ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ, ବିଶ୍ୱପ୍ରୀତି, ନବୀନ ଅଭିରୁଚି, ସମାଜତାତ୍ତ୍ୱିକ ମୂଲ୍ୟବୋଧ, ବାସ୍ତବ ସମସ୍ୟା ଓ ଜାତୀୟତାବାଦୀ ଉପଲବ୍ଧି ତାଙ୍କ ପ୍ରବନ୍ଧରେ ବିଷୟବସ୍ତୁ ରୂପେ ଗ୍ରହଣୀୟ ହୋଇଛି ।

### ପ୍ରବନ୍ଧ ପୃଷ୍ଠଭୂମି

'ମାତୃଭାଷା ଓ ଲୋକଶିକ୍ଷା' ପ୍ରବନ୍ଧଟି ପ୍ରାବନ୍ଧିକଙ୍କ ଦ୍ୱାରା ରଚିତ 'ଓଡ଼ିଆ କେବେ' ବହିରୁ ସଂଗୃହୀତ । ଏଥିରେ ପ୍ରାବନ୍ଧିକ ମାତୃଭାଷାର ଉପାଦେୟତା ସମ୍ପର୍କରେ ଗୁରୁତ୍ୱ ଦେଇଛନ୍ତି । ମାତୃଭାଷାକୁ ସେ ଅନ୍ନବସ୍ତ୍ର ପରି ନିହାତି ଦରକାରୀ ବୋଲି ପ୍ରମାଣ କରିଛନ୍ତି । ଜାତିର ଜନକ ମହାତ୍ମା ଗାନ୍ଧି ବିଦେଶୀ ବର୍ଜନ ସହିତ ସ୍ୱଦେଶୀ ଗ୍ରହଣ କରିବା ପାଇଁ ବିଶେଷକରି ମାତୃଭାଷାକୁ ଗ୍ରହଣ କରିବାପାଇଁ ପ୍ରେରଣା ଦେଇଥିଲେ । ଲୋକଶିକ୍ଷା ପାଇଁ ମାତୃଭାଷା ହିଁ ଉପଯୋଗୀ । ମାତୃଭାଷା ମାଧ୍ୟମରେ ଲୋକମାନେ ସହଜରେ ସବୁ ବିଷୟରେ ଶିକ୍ଷାଗ୍ରହଣ କରିପାରିବେ । ଆଜିର ଏହି ଯୋଜନାମୟ ଦେଶରେ ଯଦି ମାତୃଭାଷା ଆଧାରରେ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇ ଦିଆଯାଆନ୍ତା, ତା'ହେଲେ ଯୋଜନା ସଫଳ ହୁଅନ୍ତା । ତେଣୁ ଆଞ୍ଚଳିକ ଭାଷା ଉପରେ ଗୁରୁତ୍ୱ ଦେଇ ଇଂରାଜୀ ଭାଷାର ଆଧିପତ୍ୟକୁ କମାଇଦେଲେ, ଶାସକ ଓ ଶାସିତ ମଧ୍ୟରେ ସମ୍ପର୍କ ନିକଟତର ହୋଇପାରିବ ।

### ପ୍ରବନ୍ଧର ମର୍ମବାଣୀ

ଆମ ଦେଶରେ ଆଜି ଭାଷା ସମସ୍ୟା ଦେଖାଦେଇଛି । ଲୋକମାନେ ଆଞ୍ଚଳିକ ଭାଷାକୁ ଛାଡ଼ି ଇଂରାଜୀ ଭାଷାକୁ ଆଦରି ଦେଉଛନ୍ତି । କିନ୍ତୁ ଜାତିର ଜନକ ମହାତ୍ମା ଗାନ୍ଧି ଇଂରାଜୀ ଭାଷାକୁ ଛାଡ଼ି ମାତୃଭାଷାକୁ ସମୃଦ୍ଧ କରିବାପାଇଁ ଆହ୍ୱାନ

ଜଣାଇଥିଲେ । ସେ ବୁଝାଇଥିଲେ କେନ୍ଦ୍ରରେ ରହିବ ହିନ୍ଦୀ ଭାଷା ଏବଂ ପ୍ରତ୍ୟେକ ପ୍ରଦେଶ ନିଜର ମାତୃଭାଷାକୁ ହିଁ ଭାବପ୍ରକାଶର ମାଧ୍ୟମ ଭାବେ ଗ୍ରହଣ କରିବାକୁ ପଡ଼ିବ । ଏପରିକି ଗାନ୍ଧିଜୀ ମାତୃଭାଷାକୁ ମାତୃସ୍ତନ୍ୟ ପରି ମୂଲ୍ୟବାନ୍ ମନେକରିଥିଲେ । ମାତୃଭାଷାର ଉନ୍ନତି ପାଇଁ ଅନେକ କବି କହିଥିଲେ, ମାତୃଭାଷାର ଉନ୍ନତି ହିଁ ପ୍ରକୃତରେ ଜ୍ଞାନୀ ହେବାର ଲକ୍ଷଣ । କିନ୍ତୁ ଇଂରାଜୀ ଭାଷାର ପ୍ରଭାବରେ ଆମ ଲୋକମାନଙ୍କର ବିଚାରଧାରା ବଦଳିଯାଇଛି । ସେମାନେ ଚିନ୍ତା କରୁଛନ୍ତି, ମାତୃଭାଷା ନଜାଣି ମଧ୍ୟ ଲୋକ ଜ୍ଞାନୀ ହୋଇପାରେ । ଏଭଳି ଜ୍ଞାନୀମାନେ ମାତୃଭାଷାକୁ ଅବହେଳା କରିବା ଜାତିପକ୍ଷରେ ଘୋର ଦୁର୍ଭାଗ୍ୟର କାରଣ । ଇଂରାଜୀ ଭାଷା ପ୍ରଭାବକୁ ଲକ୍ଷ୍ୟକରି ଗାନ୍ଧିଜୀ ବୁଝିଥିଲେ, ଇଂରାଜୀ ଭାଷା ଶିକ୍ଷା ଓ ଶାସନର ମାଧ୍ୟମ ହୋଇ ରହିଥିବା ପର୍ଯ୍ୟନ୍ତ ଆଞ୍ଚଳିକ ଭାଷା ଉପରେ କେହି ଗୁରୁତ୍ୱ ଦେବେନାହିଁ । ଏହାକୁ ବୁଝାଇବାକୁ ଯାଇ ସେ ଉଦାହରଣ ଦେଇ କହିଥିଲେ, ବଡ଼ ବରଗଛ ତଳେ ଛୋଟ ବରକୋଳି ଗଛଟିଏ ଯେପରି ଉଧେଇ ପାରେ ନାହିଁ, ବିଜୁଳିବତି ଜଳୁଥିବାଯାଏ ଛୋଟ ଦୀପକୁ ଯେପରି କେହି ଚାହାଁନ୍ତି ନାହିଁ, ଠିକ୍ ସେହିପରି ଇଂରାଜୀ ଭାଷାର ପ୍ରଭାବ ଥିବା ପର୍ଯ୍ୟନ୍ତ କେହି ଆଞ୍ଚଳିକ ଭାଷାର ମହତ୍ତ୍ୱକୁ ଅନୁଭବ କରିବେ ନାହିଁ । ଛୋଟକୁ ରକ୍ଷା କରିବାପାଇଁ ବଡ଼କୁ ବାରଣ କରିବାପାଇଁ ପଡ଼ିବ, ଯେପରି ଇଜ୍ରାଇଲର ଆଧୁନିକ ହିବ୍ରୁ ଭାଷା ମୃତ ଅବସ୍ଥାରୁ ଉଠି ରାଜ୍ୟଭାଷାରେ ପରିଣତ ହୋଇଥିଲା । ହିବ୍ରୁ ଭାଷାର ଉନ୍ନତି ପାଇଁ ଅନ୍ୟଭାଷା ବିରୁଦ୍ଧରେ ପ୍ରଚାର କରାଯାଇଥିଲା । ସ୍କୁଲ୍‌ରେ ପିଲାମାନଙ୍କୁ ହିବ୍ରୁ ଭାଷା ଶିଖିବାପାଇଁ ଇଜ୍ରାଇଲ୍ ରୀତିମତ ଯୋଜନା କରାଗଲା । ପରିଣତିରେ ଅନ୍ୟଭାଷାକୁ ପଛରେ ପକାଇ ହିବ୍ରୁ ଭାଷା ଆଗେଇ ଚାଲିଲା । ଇଚଲରେ ହିବ୍ରୁ ପାଇଁ ଗୋଟିଏ ଭାଷା କାଉନ୍‌ସିଲ୍ ଗଠନ କରାଯାଇଥିଲା ।

ODM EDUCATIONAL GROUP
Changing your Tomorrow